# Akashvani, Sambalpur

## SAMBALPURI NEWS BULLETIN

### 18 September 2025 – 7.02- 7.12 pm.

*********************************************

୧- ବିଧାନ ସଭାର୍ ମୌସୁମୀ ଅଧିବେଶନ୍ ଆଏଜ୍‌ଠାନୁ ହେଲା ମୁଲ୍ -ଦିବଙ୍ଗତ୍ ସଦସ୍ୟମାନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ଦିନ୍‌କର୍ ଲାଗି ଗୃହ ହେଲା ମୁଲ୍‌ତବୀ

୨- ରାଜ୍ୟ ସରକାର ସ୍ୱୟଂ ସହାୟକ୍ ଗୋଷ୍ଠୀଙ୍କୁ ଋଣ ଟଙ୍କା ଫିରାବାର୍ ଲାଗି ଦେଲେ ୧୦ କୋଟି ୯୭ ଲାଖ୍‌ର ଆର୍ଥିକ୍ ଅନୁଦାନ୍ ।

୩- ରାଜ୍ୟର୍ ପୁର୍‌ନା ଦୁର୍ଗାପୂଜା ମଣ୍ଡପ୍‌ମାନ୍‌କୁ ଦିଆଯିବା ଆର୍ଥିକ୍ ଅନୁଦାନ୍

ଆଉର୍

୪- ରାଏଜେ ଭର୍‌ପୁର ମାତ୍ରାଥି ମହଜୁଦ୍ ଅଛେ ସାର, କହେଲେ ଯୋଗାଣ ମନ୍ତ୍ରୀ ।

ବିଧାନସଭା ମୌସୁମୀ ଅଧିବେଶନ ଭୁବନେଶ୍ୱର ସମ୍ବାଦଦାତା

ସପ୍ତଦଶ ବିଧାନସଭାର୍ ମୌସୁମୀ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଗୃହକାର୍ଯ୍ୟ ମୁଲ୍ ହଉନ୍ ସାଏର୍ ଦିବଙ୍ଗତ୍ ଆଘର୍ ସଦସ୍ୟାମାନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଙ୍ଗତ୍ ସଦସ୍ୟଙ୍କର୍ ଉଦ୍ଦେଶ୍ୟଥି ଗୃହ ନ ଶୋକ୍ ପ୍ରସ୍ତାବ୍ ଆଗତ୍ କରିଥିଲେ । ଗୃହର୍ ସଦସ୍ୟ ଆଉ ଆଘର୍ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଆଘର ଉପବାଚସ୍ପତି ଆଉ ରାଷ୍ଟ୍ରମନ୍ତ୍ରୀ ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜ, ଆଘର୍ ସଦସ୍ୟ ପ୍ରସନ୍ନ ପଟ୍ଟନାୟକ, କରେନ୍ଦ୍ର ମାଝୀଙ୍କର୍ ସହେତେ ଅଲ୍‌ଗା ଦିବଙ୍ଗତ୍‌ଙ୍କ ଉଦ୍ଦେଶ୍ୟଥି ଶୋକପ୍ରସ୍ତାବ ଆଗତ୍ ହେଇଥିଲା । ବିରୋଧି ଦଲର୍ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ୍ ଦଲ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ୍ ଶୋକ ପ୍ରସ୍ତାବ୍‌କେ ସମର୍ଥନ୍ କରିକରି ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅନୁରୋଧଥି ଗୃହନ ଗୁଟେ ମିନିଟ୍ ନିରବ୍ ପ୍ରାର୍ଥନା କରାଯାଇଥିଲା । ତାର୍ ଉତ୍‌ରୁ ଆଏବାକାଏଲ୍ ତକ୍ ଗୃହକେ ମୁଲ୍‌ତବୀ ଘୋଷଣା କରାଯାଇଛେ ।

ଅନାସ୍ଥା ପ୍ରସ୍ତାବ ଭୁବନେଶ୍ୱର ସମ୍ବାଦଦାତା

ରାଜ୍ୟ ସରକାରଙ୍କର୍ ବିରୋଧିଥି ଆଏଜ୍ କଂଗ୍ରେସ ତର୍ଫୁ ଅନାସ୍ଥା ପ୍ରସ୍ତାବ୍ ଆଗତ୍ ହେଇଛେ । ୧୫ ଝନ୍ ବିଧାୟକଙ୍କର୍ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ଚିଠି ବିଧାନ ସଭା ସଚିବଙ୍କର ଜରିଏ ବାଚସ୍ପତିଙ୍କୁ ଦିଆଯାଇଛେ । କଂଗ୍ରେସର ୨୪ ଝନ୍ ବିଧାୟକଙ୍କର ସାଙ୍ଗେ ସିପିଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ଭିଲ୍ ଇଥି ଦସ୍ତଖତ କରିଛନ୍ । ଇ ପ୍ରସ୍ତାବ୍ ବାବ୍‌ଦେ ବାଚସ୍ପତି କି ତାଙ୍କର୍ କାର୍ଯ୍ୟାଳୟ ତର୍ଫୁ କେନ୍‌ସି ଭିଲ୍ ସୂଚ୍‌ନା ଦିଆନାଇଯାଇ । ସେଆଡ଼େ ଅନାସ୍ଥା ପ୍ରସ୍ତାବର କେନ୍‌ସି ପ୍ରଭାବ୍ ସରକାରଙ୍କର୍ ଉପ୍‌ରେ ନାଇ ପଡ଼େ ବଲି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ ।

ବିଧାନ ସଭା-ବୃକ୍ଷରୋପଣ ଭୁବନେଶ୍ୱର ସମ୍ବାଦଦାତା

ବିଧାନ ସଭା ପରିସର୍ ନ ଏକ୍ ପେଡ଼୍ ମା'କେ ନାମ୍ ୨.୦ ଅଭିଯାନ୍‌ଥି ଆଏଜ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁହି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଉ ପ୍ରଭାତି ପରିଡ଼ା, ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଅଭିଯାନ୍‌ଥି ସାମିଲ୍ ହେଇକରି ଗଛ ଜଗେଇଛନ୍ । ଇ ଅବ୍‌ସରେ ବିରୋଧି ଦଲର୍ ସଦସ୍ୟମାନେ ଭିଲ୍ ସାମିଲ୍ ଥିଲେ ।

ଏସ୍ଏସ୍‌ଚି ଋଣ- ବୁଝାମଣାପତ୍ର I&PR

ରାଜ୍ୟ ସରକାର ୧ ଲାଖ୍ ୬୩ ହଜାର ୭ ଶହ ୫୭ଟା ସ୍ୱୟଂ ସହାୟକ୍ ଗୋଷ୍ଠୀର୍ ଆକାଉଂଟକେ ବେଙ୍କ ଋଣ ଫିରାବାର୍ ଲାଗି ଶହେ ୧୦ କୋଟି ୯୭ ଲାଖ୍ ଟଙ୍କା ଆର୍ଥିକ୍ ଅନୁଦାନ୍ କରିଛନ୍ । ଇତାର୍ ସହେତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କର୍ ଉପସ୍ଥିତିଥି ମିଶନ ଶକ୍ତି ବିଭାଗ୍ ଆଉ FICSI, TSSC, GJSCI ଆଉ NCW ଭିତ୍‌ରେ ୪ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ସବୁ ବୁଝାମଣା ପତ୍ର ରାଜ୍ୟର୍ ସ୍ୱୟଂ ସହାୟକ୍ ଗୋଷ୍ଠୀ ଉଦ୍ୟୋଗ୍‌କେ ତହଁକାବାର୍ ସହେତେ ମହିଲାମାନ୍‌ଙ୍କୁ ଆହୁରି ସଶକ୍ତ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସ୍ ଅବ୍‌ସରେ ଲାଲ୍‌କିଲ୍ଲା ପ୍ରାଚୀର୍‌ନୁ ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍ ବାବ୍‌ଦେ ଘୋଷଣା କରିଥିଲେ । ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ପ୍ରଧାନମନ୍ତ୍ରୀଙ୍କର୍ ଦୃଷ୍ଟିକୋଣ ଆଧାରିତ୍ ଜିଏସ୍‌ଟି ସଂସ୍କାର ନିଷ୍ପତି ନିଆଯାଇଥିଲା ।

ସାଧାରଣ ଲୁକ୍‌କର ଜୀବନ୍‌କେ ସରଲ୍ ଆଉ ସହଜ୍ କର୍‌ବାର୍ ଲକ୍ଷ୍ୟ ନେଇକରି ବହୁତ୍‌ଟେ କ୍ଷେତ୍ରଥି ଟିକସ୍ ହାର୍ କମ୍ କର୍‌ବାର୍ ଲାଗି ନିଷ୍ପତି ହେଇଛେ । ଲୁକ୍‌କର ଲାଗି ପରିବଶେ୍ ଅନୁକୁଲ୍ ଯାନାଆନାକେ ସୁଲଭ୍ କର୍‌ବାର୍ ଲକ୍ଷ୍ୟ ନେଇକରି ବହୁତ୍‌ଟେ ସାଇକଲ୍ ଶିଳ୍ପ କ୍ଷେତ୍ରଥି ଜିଏସ୍‌ଟି ହାର୍ କମ୍ କରାଯାଇଛେ । ସାଇକେଲ୍ ଉପ୍‌ରେ ରହିଥିବା ୧୨ ପ୍ରତିଶତ ଜିଏସ୍‌ଟି ହାର୍ ୫ ପ୍ରତିଶତ୍‌କେ କମ୍ କରାଯାଇଛେ । ସେନ୍ତା ସାଇକେଲ୍ ଯନ୍ତ୍ରପାତି ଉପ୍‌ରେ ଭିଲ୍ ଜିଏସ୍‌ଟି ୧୨ ନୁ ୫ ପ୍ରତିଶତ୍‌କେ କମାଯାଇଛେ । ଇତାର୍ ଜରିଏ ସାଇକେଲ୍ ବେଭାର୍ ବଢ଼୍‌ବାର୍ ସଙ୍ଗେ  ଇ କ୍ଷେତ୍ରର୍ ବିକାଶ୍ ହେବା ବଲି ଆଶା କରାଯାଉଛେ ।

ଦୁର୍ଗାପୂଜା ମଣ୍ଡପ୍ ସାହାଜ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ବଛର୍ ଦୁର୍ଗାପୂଜା ଅବ୍‌ସରେ ପୁର୍‌ନା ମଣ୍ଡପ୍‌ମାନ୍‌ଙ୍କୁ ଆର୍ଥିକ୍ ଅନୁଦାନ୍ ଦେବାର୍ ଲାଗି ରାଜ୍ୟ ସରକାର ନିଷ୍ପତି ନେଇଛନ୍ । ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ଜିଲ୍ଲାପାଲ୍‌ମାନ୍‌ଙ୍କୁ ଚିଠି କରାଯାଇଛେ । ଫି ଜିଲ୍ଲାର୍ ପୁର୍‌ନା ମଣ୍ଡପ୍‌ମାନ୍‌କର ଗୁଟେ ତାଲିକା ବନେଇକରି ଦୁଇଦିନ୍ ଭିତ୍‌ରେ ଦେବାର୍‌କେ କୁହାଯାଇଛେ । ୫୦ ବଛର୍‌ନୁ ଅଏତ୍‌କା ପୁର୍‌ନା ମଣ୍ଡପ୍

ନାଇ ଥିବାର୍ ଜିଲ୍ଲାମାନ୍‌କେ ସବୁ ପୁର୍‌ନା ୨ଟା ମଣ୍ଡପ୍ ବାବ୍‌ଦେ ତଥ୍ୟ ଦେବାର୍‌କେ ଚିଠିଟି ଉଲ୍ଲେଖ୍ କରାଯାଇଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍....

(ଭଏସ୍---ସୂର୍ଯ୍ୟବଂଶୀ ସୂରଜ୍)

ସାର ମହଜୁଦ୍-ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ରାଏଜେ ଭର୍‌ପୁର୍ ମାତ୍ରାଥି ସାର୍ ମହଜୁଦ୍ ରହିଛେ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ମନ୍ତ୍ରୀ କହିଛନ୍, ସାର୍ କଲାବଜାରୀ ହଉଥିବା ଅଭିଯୋଗ୍ ହେବାର୍ ଉତ୍‌ରୁ ସରକାର୍ ତୁର୍‌ତି ପଦକ୍ଷେପ୍ ନେଇଛନ୍ । ଇହାଦେ ସ୍ଥିତି ନିୟନ୍ତ୍ରଣଥି ରହିଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ ।

ସେବା ପର୍ବ ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍ ‘ସେବା ଆଉ ସୁଶାସନ୍’ ଆର୍ ‘ଜନସେବା ଆଉ ସୁଶାସନ୍’ ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ ପରିବର୍ତ୍ତନ୍ ଆଉ ପ୍ରଗତିର୍ ଶାସନ୍

ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା ଦେଶର୍ କୃଷି କ୍ଷେତ୍ରକେ ଗୁଟେ ଅଗ୍ରଣୀ କ୍ଷେତ୍ର ଭାବେ ବିକଶିତ୍ କର୍‌ବାର୍ ଲକ୍ଷ୍ୟ ନେଇକରି ସରକାର ନଉଥିବା ପଦକ୍ଷେପ୍‌ମାନ୍‌କର ବାବ୍‌ଦେ....

(ଭଏସ୍ ଓଭର୍--- ବିସ୍ମିତା ପ୍ରଧାନ)

କୃଷି ହଉଛେ ଭାରତର୍ ଅର୍ଥନୀତି ଆଉ ସଂସ୍କୃତିର୍ ମେର୍‌ଖୁମ୍ । ଲାଖ୍ ଲାଖ୍ ପରିବାର କୃଷି ଉପ୍‌ରେ ନିର୍ଭର୍ କରି କରି କୁଟୁମ୍ ପୁଷୁଛନ୍ । ଭାରତ ଅମୃତ୍ କାଲ୍‌ଥି ପ୍ରବେଶ୍ କର୍‌ବାର୍ ସଙ୍ଗେ ଦେଶର୍ ଚାଷୀମାନେ ନିଜେ ସ୍ୱାବଲମ୍ବୀ ହେଇକରି ଖାଦ୍ୟ ଉତ୍ପାଦନ୍‌ଥି ନେତୃତ୍ୱ ନେବାର୍‌କେ ତୟାର୍ ଅଛନ୍ । ଇତାକେ ଆଉ ଗୁଟେ ପାହା ଆଗ୍‌କେ ବଢ଼ାବାର୍ ଲାଗି ପ୍ରଧାନମନ୍ତ୍ରୀଙ୍କର୍ ନେତୃତ୍ୱଥି କୃଷି କ୍ଷେତ୍ରର୍ ବିକାଶ ଆଉ ଇତାର୍ ସହଯୋଗୀ କ୍ଷେତ୍ରମାନ୍‌କର ଉପ୍‌ରେ ଜୋର୍ ଦିଆଯାଉଛେ । ଇଥର୍‌ଲାଗି ଗାଁ ଇଲାକାର ପରିବାର୍ ମାନ୍‌କର ଲାଗି ଆୟ ଆଉ ସ୍ଥାୟିତ୍ୱର୍ ନୂଆ ବାଟ୍ ଖୁଲିଛେ ।

ଗଲା ୧୧ ବଛର୍ ଭିତ୍‌ରେ କୃଷି ମନ୍ତ୍ରଣାଳୟର୍ ବଜେଟ୍ ପାଖାପାଖି ୨୨ ହଜାର କୋଟି ଟଙ୍କା ବଢ଼ିକରି ୧ ଲାଖ୍ ୩୭ ହଜାର କୋଟିକେ ପୁହୁଁଚିଛେ । ପ୍ରଧାନମନ୍ତ୍ରୀ ଲାଲକିଲ୍ଲା ପ୍ରାଚୀର୍ ଉପ୍‌ରୁ ଦେଶ୍‌ବାସୀଙ୍କୁ ଉଦ୍‌ବୋଧନ୍ ଦେଇକରି କହିଥିଲେ, ଦେଶର୍ ଚାଷୀମାନେ ସରକାରଙ୍କର୍ ସବୁଠାନୁ ବଡ଼ ପ୍ରାଥମିକତା ଆଉ ଚାଷୀମାନ୍‌ଙ୍କର ସ୍ୱାର୍ଥ ସାଙ୍ଗେ କେନ୍‌ସି ସାଲିସ୍ ନାଇ କରାଯାଏ...

(ଭଏସ୍-----ପ୍ରଧାନମନ୍ତ୍ରୀ)

ଚାଷୀ ଆଉ ସେମାନ୍‌ଙ୍କର ଆର୍ଥିକ୍ ସୁରକ୍ଷାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ସରକାର ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ୍‌ନିଧି ଯୋଜ୍‌ନା ମୁଲ୍ କରିଛନ୍ । ଚାଷୀଙ୍କର୍ ଆର୍ଥିକ୍ କ୍ଷେତ୍ରକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ସୁଲଭ୍ ଆଉ ସହଜ୍ ଋଣ ଦେବାର୍ ବ୍ୟବସ୍ଥା କରାଯାଇଛେ । ଇଥି କୃଷି କ୍ଷେତ୍ର ଅଏତ୍‌କା ତହଁକୁଛେ । ଆକାଶବାଣୀ ସମ୍ବାଦ୍ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ ।

ସୁଭଦ୍ରା ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

୬୦ ବଛର୍ ବଏସ୍ ହେଇଥିବାର୍‌ନୁ ସୁଭଦ୍ରା ଯୋଜ୍‌ନାନୁ ବାଦ୍ ପଡ଼ିଥିବା ହିତାଧିକାରୀମାନେ ବାର୍ଦ୍ଧକ୍ୟ ଭତା ଲାଗି ଆବେଦନ୍ କରିପାର୍‌ବେ । ମଧୁବାବୁ ପେନ୍‌ସନ ଯୋଜ୍‌ନା ଆଉ ଜାତୀୟ ସାମାଜିକ୍ ସହାୟତା କାର୍ଯ୍ୟକ୍ରମ୍‌ଥି ଇ ହିତାଧିକାରୀମାନ୍‌ଙ୍କୁ ସାମିଲ୍ କରାଯିବା ବଲି ମହିଳା ଆଉ ଶିଶୁ ବିକାଶ ବିଭାଗ୍ ତର୍‌ଫୁ କୁହାଯାଇଛେ । ଭୁବନେଶ୍ୱର୍‌ଠାନେ ସୁଭଦ୍ରା ବାବଦ୍ ପହେଲା ରାଜ୍ୟସ୍ତରୀୟ ପରିଚାଲ୍‌ନା ଆଉ ତଦାରଖ୍ କମିଟିର୍ ବୈଠକ୍‌ଥି ଇ ବାବ୍‌ଦେ ସୂଚ୍‌ନା ଦିଆଯାଇଛେ ।

ଆଦି କର୍ମଯୋଗୀ ସମୀକ୍ଷା I&PR

ଓଡ଼ିଶା ନ ଆଦି କର୍ମଯୋଗୀ ଅଭିଯାନ୍‌ର ଅଗ୍ରଗତି ବାବ୍‌ଦେ ଭୁବନେଶ୍ୱର୍‌ଠାନେ ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ ଆଉ ଓଡ଼ିଶା ରାଜ୍ୟ ପ୍ରଭାରୀ ବର୍ଣ୍ଣାଳୀ ଡେକାଙ୍କର୍ ଅଧକ୍ଷତାଥି ହେଇଥିବା ବୈଠକ୍‌ଥି ଓଡ଼ିଶା ନ ଅଭିଯାନ୍‌ର ଅଗ୍ରଗତି ସହେତେ ରାଜ୍ୟ ତର୍‌ଫୁ ଧାରିଜ୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ନିଆଯାଇଥିବା ରଣନୀତି ବାବ୍‌ଦେ ଆଲୋଚନା ହେଇଥିଲା । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଆଏଜ୍‌ଠାନୁ ରାଏଜେ ଗାଁ ସ୍ତରର୍ କାର୍ଯ୍ୟକ୍ରମ୍‌ମାନ୍ ମୁଲ୍ ହେଇଛେ ।

ବେଆଇନ୍ ନିଶା ଚଢ଼ଉ I&PR

ବେଆଇନ ନିଶା କାର୍‌ବାର୍ ବିରୋଧିଥି ପୁଲିସ ଆଉ ଅବ୍‌କାରୀ ବିଭାଗ୍ ତର୍‌ଫୁ ଚାଲିଥିବା ଚଢ଼ଉର୍ ଗଲାକାଏଲ୍ ୧୭ ନମ୍ବର ଦିନେ ୧ କୋଟି ୧୫ ଲାଖ୍ ଟଙ୍କା ବେଆଇନ୍ ନିଶା ଦରବ୍ ଜବତ୍ କରାଯାଇଛେ । ବିଭାଗର୍ ସୂଚ୍‌ନା ଅନ୍‌ସାରେ, ଗଲାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଜାଗାନ ଚଢ଼ଉ କରାଯାଇ କରି ୯ ହଜାର୍‌ନୁ

ଅଏତ୍‌କା ଲିଟର୍ ମଦ୍ ଜବତ୍ କରାଯାଇଛେ । ୯୪ ହଜାର୍‌ନୁ ଅଏତ୍‌କା ଲିଟର୍ ମହୁଲ୍ ପୋଚ ନଷ୍ଟ କରାଯାଇଛେ । ଇ ସମିଆଥି ଶହେ ୫୦ଟା ମାମ୍‌ଲା ରୁଜୁ କରାଯିବାର୍ ସହେତେ ୫୩ ଝନ୍‌କୁଁ ଗିରଫ୍ କରାଯାଇଛେ । ବେଆଇନ୍ କାମ୍‌ଥି ବେଭାର୍ ହେଇଥିବା ୧୪ଟା ଗାଡ଼ି ଜବତ୍ କରାଯାଇଛେ ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର କାର୍ଯ୍ୟାଳୟନୁ ଆଏଜ୍ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ ହେଇଛେ । ଜିଲ୍ଲାନୁ ୫୫ ଝନ୍ ଯାତ୍ରୀଙ୍କୁ ନେଇକରି ଯାଉଥିବା ୨ଟା ତୀର୍ଥଯାତ୍ରୀ ବସ୍‌କେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଶୁଭାରମ୍ଭ କରିଛନ୍ । ଯିବାର୍ ଆଘୋନୁ ପହେଲା ସବୁ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା । ତୀର୍ଥଯାତ୍ରୀମାନ୍‌ଙ୍କର୍ ସଙ୍ଗେ ଜିଲ୍ଲାର ଅଧିକାରୀମାନେ ଭିଲ୍ ଯାଇଛନ୍ । ସେମାନେ ଅଯୋଧ୍ୟା ବାରାଣାସୀ ବୁଲିକରି ସେପ୍ଟେମ୍ବର ୨୪ ତାରିଖ୍ ଘର୍‌କେ ଫିର୍‌ବେ ।

ସ୍ୱଚ୍ଛତା ଉତ୍ସବ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଗଡ଼ ବିଜ୍ଞାପିତ ଅଂଚଲ୍ ପରିଷଦ୍ ତର୍ଫୁ ସ୍ୱଚ୍ଛତା ଉତ୍ସବ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ୍ ଯୋଗ୍ ଦେଇଥିଲେ । ବୌଦ୍ଧ ଏନ୍ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗ୍ ଦେଇକରି ସ୍ୱଚ୍ଛତା ଉପ୍ରେ ଲୁକ୍କୁ ସଚେତନ୍ କରିଥିଲେ ।

ହିନ୍ଦୀ ଦିବସ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟ ନ ହିନ୍ଦୀ ଦିବସ୍ ପାଳିତ୍ ହେଇଛେ । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଡକ୍ଟର ରଣବୀର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଇ ଅବ୍ସରେ ଅତିଥିମାନେ ହିନ୍ଦୀ ଭାଷାର ବିକାଶ ସଙ୍ଗେ ପ୍ରଚାର ପ୍ରସାର୍ ବାବ୍ଦେ ଆଲୋଚନା କରିଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଗୁଟେ, ଦୁଇଟା ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ଇ ସମିଆଥି ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲାକେ ଘଡ଼୍‌ଘଡ଼ି ଆଉ ବିଜ୍‌ଲି ମାରିପାରେ ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।